ପାଠ-୧୪

# ଖରା, ବର୍ଷା, ଶୀତ

## STUDY NOTES

**ଅଭ୍ୟାସ-**

**୧.** (କ) ଆସ ପଢ଼ିବା ଓ ଲେଖିବା।

| | | | |
|---|---|---|---|
| ମୁକ୍ତ | **ମୁକ୍ତ** | ଡାକ୍ତର | **ଡାକ୍ତର** |
| ହସ୍ତୀ | **ହସ୍ତୀ** | ରକ୍ତ | **ରକ୍ତ** |
| ଯୁକ୍ତାକ୍ଷର | **ଯୁକ୍ତାକ୍ଷର** | ହସ୍ତ | **ହସ୍ତ** |
| ଭକ୍ତ | **ଭକ୍ତ** | ହସ୍ତାକ୍ଷର | **ହସ୍ତାକ୍ଷର** |
| ଦସ୍ତା | **ଦସ୍ତା** | ଶକ୍ତି | **ଶକ୍ତି** |
| ପ୍ରାପ୍ତପତ୍ର | **ପ୍ରାପ୍ତପତ୍ର** | ପ୍ରସ୍ତାବ | **ପ୍ରସ୍ତାବ** |
| ଯୁକ୍ତ | **ଯୁକ୍ତ** | ବଜ୍ରକାପ୍ତା | **ବଜ୍ରକାପ୍ତା** |
| ପୁସ୍ତକ | **ପୁସ୍ତକ** | ବିଭକ୍ତ | **ବିଭକ୍ତ** |
| ସପ୍ତାହ | **ସପ୍ତାହ** | ଶୂନ୍ୟହସ୍ତ | **ଶୂନ୍ୟହସ୍ତ** |
| ବିଦ୍ୟୁତ୍‌ଶକ୍ତି | **ବିଦ୍ୟୁତ୍‌ଶକ୍ତି** | ଦପ୍ତର | **ଦପ୍ତର** |
| ବିଶ୍ୱସ୍ତ | **ବିଶ୍ୱସ୍ତ** | ସପ୍ତଫେଣୀ | **ସପ୍ତଫେଣୀ** |
| ତୃପ୍ତପ୍ରାଣ | **ତୃପ୍ତପ୍ରାଣ** | ଆଶ୍ୱସ୍ତ | **ଆଶ୍ୱସ୍ତ** |

ODM EDUCATIONAL GROUP Changing your Tomorrow

(ଖ) ଚିତ୍ର ଦେଖ: ପରିବାଡାଲା ପାଖରେ ପରିବା ନାମ ଲେଖ। ଫଳଡାଲା ପାଖରେ ଫଳର ନାମ ଲେଖ।



**ପରିବାଡାଲା**

ଅମୃତଭଣ୍ଡା, ବିଲାତିବାଇଗଣ, ଫୁଲକୋବି, ବନ୍ଧାକୋବି, ମୂଳା, କଖାରୁ, କାଙ୍କଡ଼, ଭେଣ୍ଡି, ବାଇଗଣ, ଲଙ୍କା, କଲରା



**ଫଳଡାଲା**

ଆମ୍ବ, ସେଓ, ତରଭୁଜ, କଦଳୀ, ପିଜୁଳି, ଅଙ୍ଗୁର



**୨.** **ପଢ଼ିବା, ଲେଖିବା ଓ ମନେରଖିବା।**

ସାଧୁର ଲକ୍ଷଣ ଈଶ୍ୱରଭକ୍ତି, ଦୁଗ୍ଧ ପାନକଲେ ବଢ଼ଇ ଶକ୍ତି।

**୩.** **ତଳେ ଦିଆଯାଇଥିବା ଅକ୍ଷରଗୁଡ଼ିକ ନେଇ ଶବ୍ଦ ଗଢ଼ ଓ ବାକ୍ୟରେ ଲେଖ।**

| | | |
|---|---|---|
| ଶ | କ୍ତ | ର |
| ଅ | | |
| ହ | କ୍ତି | କ |
| ର | ବ | |
| ଭ | ପ୍ତ | |
| ଡା | | ମ |
| ମ | ସ୍ତ | |
| ଗୁ | | |
| ମୁ | | |
| ପୁ | | |
| ସ | | |

ଯେପରି – ଶକ୍ତି, ଡାକ୍ତର

ଶକ୍ତ, ଅସ୍ତ, ହସ୍ତ, ରକ୍ତ, ଭକ୍ତି, ମସ୍ତକ,

ଗୁପ୍ତ, ମୁକ୍ତ, ମୁକ୍ତି, ପୁସ୍ତକ, ସପ୍ତମ

**୪.** **ଅସଜଡ଼ା ଶବ୍ଦକୁ ଠିକ୍ କରି ଲେଖ।**

| | |
|---|---|
| ଡାରକ୍ତ | ଡାକ୍ତର |
| ଅପ୍ତତୃ | ଅତୃପ୍ତ |
| କ୍ତରବି | ବିରକ୍ତ |
| ହସ୍ତାରକ୍ଷ | ହସ୍ତାକ୍ଷର |
| ସ୍ତକପୁ | ପୁସ୍ତକ |

**୫. ବିଭିନ୍ନ ଋତୁରେ ହେଉଥିବା ଫୁଲ, ଫଳ, ପରିବାର ନାମ ଲେଖ।**

| ଜିନିଷ | ଗ୍ରୀଷ୍ମଋତୁ | ବର୍ଷାଋତୁ | ଶୀତଋତୁ |
|---|---|---|---|
| ଫୁଲ | ମଲ୍ଲୀ, ମାଳତୀ | ମନ୍ଦାର, ଟଗର | ଗେଣ୍ଡୁ, ସେବତୀ |
| ଫଳ | ଆମ୍ବ, ପଣସ | ଡାଳିମ୍ବ, ପିଜୁଳି | ସେଓ, କମଳା |
| ପରିବା | ପୋଟଳ, କଲରା | ଜହ୍ନି, କାଙ୍କଡ଼ | ବନ୍ଧାକୋବି, ମୂଳା |

**୬. ଆଲୋଚନା କରି ଉତ୍ତର ଲେଖ।**

କ) କେଉଁ ଋତୁରେ ଗଛଲତା ଝାଉଁଳି ଯାଆନ୍ତି ?

ଉ: ଗୀଷ୍ମଋତୁରେ ଗଛଲତା ଝାଉଁଳି ଯାଆନ୍ତି।

ଖ) କେଉଁ ଋତୁରେ ନଈରେ ବଢ଼ି ଆସେ ?

ଉ: ବର୍ଷାଋତୁରେ ନଈରେ ବଢ଼ି ଆସେ।

ଗ) କେଉଁ ଋତୁରେ ରାସ୍ତାଘାଟ କାଦୁଅ ହୁଏ ?

ଉ: ବର୍ଷାଋତୁରେ ରାସ୍ତାଘାଟ କାଦୁଅ ହୁଏ।

ଘ) ନଈବଢ଼ି ଆସିଲେ କ'ଣ ଅସୁବିଧା ହୁଏ ?

ଉ: ନଈବଢ଼ି ଆସିଲେ ଚାରିଆଡ଼ ଜଳମଗ୍ନ ହୋଇଯାଏ। ଲୋକମାନଙ୍କ ଘରେ ପାଣି ପଶିଯାଏ। ବହୁ ଧନ ଜୀବନ ନଷ୍ଟ ହୋଇଯାଏ। ନଈବଢ଼ିରୁ ରକ୍ଷା ପାଇବା ପାଇଁ ଲୋକମାନେ ଘରଛାଡ଼ି ସୁରକ୍ଷିତ ସ୍ଥାନକୁ ପଳାଇଯାଆନ୍ତି। ବହୁ ଅସୁବିଧାରେ ଲୋକମାନେ ଜୀବନଯାପନ କରନ୍ତି।

ଙ) ଆମେ ମୁଖ୍ୟତଃ କେତୋଟି ଋତୁ ଅନୁଭବ କରୁ ଓ କ'ଣ ?

ଉ: ଆମେ ମୁଖ୍ୟତଃ ତିନୋଟି ଋତୁ ଅନୁଭବ କରିଥାଉ। ସେଗୁଡ଼ିକ ହେଲା- ଗ୍ରୀଷ୍ମଋତୁ, ବର୍ଷାଋତୁ ଓ ଶୀତଋତୁ।

ଚ) କେଉଁ ଋତୁରେ ବେଶୀ ପରିବା ମିଳେ ?

ଉ: ଶୀତଋତୁରେ ବେଶୀ ପରିବା ମିଳେ।

ODM EDUCATIONAL GROUP Changing your Tomorrow

ଛ) କେଉଁ ଋତୁରେ ଆମ୍ବ ଓ ପଣସ ପାଚେ ?

ଉ: ଗ୍ରୀଷ୍ମଋତୁରେ ଆମ୍ବ ଓ ପଣସ ପାଚେ ।

## ୭. ଋତୁ ସହ ସମ୍ପର୍କ ଥିବା କାମକୁ ଯୋଡ଼ ।

| | | |
|---|---|---|
| ବର୍ଷାଋତୁ | ଧାନ ଅମଳ ହୁଏ, ବେଙ୍ଗ ମାଟିତଳେ ଲୁଚିରହେ । | ବର୍ଷାଋତୁ → ଧାନଗଛ ଉଠି ବିଲ ସବୁଜ ଦିଶେ । ମୟୂର ଆନନ୍ଦରେ ନାଚେ । |
| ଗ୍ରୀଷ୍ମଋତୁ | ଧାନଗଛ ଉଠି ବିଲ ସବୁଜ ଦିଶେ । ମୟୂର ଆନନ୍ଦରେ ନାଚେ । | ଗ୍ରୀଷ୍ମଋତୁ → ଧାନ ବୁଣିବା ପାଇଁ ଭୂମି ହଳକରାଯାଏ । ପଶୁପକ୍ଷୀମାନେ ଅଧିକ କଷ୍ଟ ପାଆନ୍ତି । |
| ଶୀତଋତୁ | ଧାନ ବୁଣିବା ପାଇଁ ଭୂମି ହଳକରାଯାଏ । ପଶୁପକ୍ଷୀମାନେ ଅଧିକ କଷ୍ଟ ପାଆନ୍ତି । | ଶୀତଋତୁ → ଧାନ ଅମଳ ହୁଏ, ବେଙ୍ଗ ମାଟିତଳେ ଲୁଚିରହେ । |

## ୮. ଖାଲି ଘର ପୂରଣ କର ।

କ) ନଈପୋଖରୀ ଗ୍ରୀଷ୍ମ ଋତୁରେ ଶୁଖିଯାଏ ।

ଖ) ନଈପୋଖରୀରେ ବର୍ଷା ଋତୁରେ ପାଣିଗୋଳିଆ ଦେଖାଯାଏ ।

ଗ) ପକ୍ଷୀମାନେ ଶୀତ ଋତୁରେ ଅଧିକ ଶୀତ ହେଉଥିବା ସ୍ଥାନରୁ ଅଳ୍ପ ଶୀତ ହେଉଥିବା ସ୍ଥାନକୁ ଉଡ଼ିଯାଆନ୍ତି ।

ଘ) ଲୋକମାନେ ଶୀତ ଋତୁରେ ବଣଭୋଜି କରିବାକୁ ଆଗ୍ରହୀ ହୁଅନ୍ତି ।

## ୯. ଆଲୋଚନା କରି ଲେଖ ।

କ) ତୁମ ଗାଁ / ଅଞ୍ଚଳରେ ଲୋକମାନେ କେଉଁ ଋତୁରେ କେଉଁ ପରିବାଚାଷ କରନ୍ତି ପଚାରି ବୁଝି ଲେଖ ।

ଉ: ଆମ ଗାଁ / ଅଞ୍ଚଳରେ ଲୋକମାନେ ବର୍ଷାଋତୁରେ ଭେଣ୍ଡି, ଜହ୍ନି, କାଙ୍କଡ଼, ଛଚିନ୍ଦ୍ରା, ବାଇଗଣ ଚାଷ କରନ୍ତି । ଗ୍ରୀଷ୍ମଋତୁରେ ପୋଟଳ, କଲରା, କୁନ୍ଦୁରି, କଖାରୁ, କାକୁଡ଼ି ଏବଂ ଶୀତଦିନେ ଫୁଲକୋବି, ବନ୍ଧାକୋବି, ବିଲାତି ବାଇଗଣ, ଆଳୁ, ବିନ୍, ମଟର ଛୁଇଁ, ମୂଳା, ଗାଜର, କନ୍ଦମୂଳ ଆଦି ପରିବା ଚାଷ କରନ୍ତି ।

ODM EDUCATIONAL GROUP Changing your Tomorrow

ଖ) ତୁମ ଗାଁ / ଅଞ୍ଚଳରେ ଲୋକମାନେ କେଉଁ ସମୟରେ ଧାନ ବୁଣନ୍ତି ଓ ଧାନ ଅମଳ କରନ୍ତି ପଚାରି ବୁଝି ଲେଖ।

ଆମ ଗାଁ / ଅଞ୍ଚଳରେ ଲୋମାନେ ବର୍ଷାଋତୁରେ ଧାନ ବୁଣନ୍ତି ଓ ଶୀତଋତୁରେ ଧାନ ଅମଳ କରନ୍ତି।

**୧୦. ତୁମ ବଗିଚାରେ କେଉଁ ଋତୁରେ କେଉଁ ଫୁଲ ଫୁଟୁଛି ଲକ୍ଷ୍ୟକର ଓ ଲେଖ।**

| ଋତୁର ନାମ | ଫୁଟୁଥିବା ଫୁଲର ନାମ |
|---|---|
| ଗ୍ରୀଷ୍ମଋତୁ | ମଲ୍ଲି, ମାଳତୀ, ଚମ୍ପା, ଟଗର |
| ବର୍ଷାଋତୁ | ଜିନିଆ, ମନ୍ଦାର, କଇଁ, ହେନା |
| ଶୀତଋତୁ | ଗେଣ୍ଡୁ, ଡାଲିଆ, ସେବତୀ |

**୧୧. ଆମ ଓଡ଼ିଆ ମାସଗୁଡ଼ିକ ହେଲା:**

ବୈଶାଖ   ଜ୍ୟେଷ୍ଠ   ଆଷାଢ଼   ଶ୍ରାବଣ

ଭାଦ୍ରବ   ଆଶ୍ୱିନ   କାର୍ତ୍ତିକ   ମାର୍ଗଶିର

ପୌଷ   ମାଘ   ଫାଲ୍‌ଗୁନ   ଚୈତ୍ର

**ଆମ ଋତୁଗୁଡ଼ିକ ହେଲା:**

ଗ୍ରୀଷ୍ମଋତୁ   ବର୍ଷାଋତୁ   ଶରତଋତୁ

ହେମନ୍ତଋତୁ   ଶୀତଋତୁ   ବସନ୍ତଋତୁ

**୧୨. ଆସ ପଢ଼ିବା ଓ ଲେଖିବା।**

ଉଚ୍ଚ   **ଉଚ୍ଚ**   ସ୍ୱଚ୍ଛ   **ସ୍ୱଚ୍ଛ**

ବିଜ୍ଞ   **ବିଜ୍ଞ**   ଉଚ୍ଚାରଣ   **ଉଚ୍ଚାରଣ**

ODM EDUCATIONAL GROUP Changing your Tomorrow

| | | | |
|---|---|---|---|
| କଚ୍ଛପ | **କଚ୍ଛପ** | ଅବଜ୍ଞା | **ଅବଜ୍ଞା** |
| ଗୁଚ୍ଛ | **ଗୁଚ୍ଛ** | ଆଚ୍ଛାଦନ | **ଆଚ୍ଛାଦନ** |
| ଯଜ୍ଞ | **ଯଜ୍ଞ** | ତୁଚ୍ଛ | **ତୁଚ୍ଛ** |
| ବିଚ୍ଛେଦ | **ବିଚ୍ଛେଦ** | ଜ୍ଞାନ | **ଜ୍ଞାନ** |
| ଉଚ୍ଚାଟ | **ଉଚ୍ଚାଟ** | ଉଚ୍ଛନ୍ନ | **ଉଚ୍ଛନ୍ନ** |
| ବିଜ୍ଞାନ | **ବିଜ୍ଞାନ** | ଉଚ୍ଚାସନ | **ଉଚ୍ଚାସନ** |
| ବିଚ୍ଛିନ୍ନ | **ବିଚ୍ଛିନ୍ନ** | ବିଜ୍ଞପ୍ତି | **ବିଜ୍ଞପ୍ତି** |

**୧୩. ତୁମକୁ ଭଲ ଲାଗୁଥିବା ରଙ୍ଗରେ ଫୁଲକୁ ରଙ୍ଗ ଦିଅ ।**



♦♦♦